# Akashvani, Sambalpur

## SAMBALPURI NEWS EVENING BULLETIN

## 4 September 2024- 7.02 pm- 7.12 pm.

*********************************************

୧- ବିଧାନ୍‌ସଭା ନ ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍‌ର ୨୭ ହଜାର୍ ୨ ଶହ ୧୦ କୋଟି ଟଙ୍କାର୍ ଖର୍ଚ୍ଚ ଦାବି ଉପସ୍ଥାପନ୍ କଲେ ବିଭାଗୀୟ ମନ୍ତ୍ରୀ ।

୨- ଆଏବା ୧୭ ତାରିଖ୍ ଉତ୍‌ରୁ ଭିଲ୍ ସୁଭଦ୍ରା ଯୋଜ୍‌ନା ଲାଗି ଆବେଦନ୍ କରିହେବା- କହେଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।

୩- ରାଜ୍ୟର୍ ସବୁ ସ୍ୱତନ୍ତ୍ର ଉନ୍ନୟନ୍ ପରିଷଦ୍‌କେ ଭଙ୍ଗ କଲେ ରାଜ୍ୟ ସର୍‌କାର୍ ।

ଆଉର୍

୪- ବଙ୍ଗୋପ୍‌ସାଗର୍ ନ ଆଏବା କାଏଲ୍ ତକ୍ ସୃଷ୍ଟି ହେଇପାରେ ଲଘୁଚାପ୍ ।

- ବଲାଙ୍ଗିର୍, ନୂଆପଡ଼ା ଆର୍ କଲାହାଣ୍ଡି ସହେତେ ୭ ଟା ଜିଲ୍ଲା ନ ହେବା ବର୍ଷା ।

୨୦୨୪-୨୫ ଆର୍ଥିକ୍ ବଛର୍- ଖର୍ଚ୍ଚ ଦାବି ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଧାନ୍‌ସଭା ନ ପଂଚାୟତିରାଜ୍ ଆର୍ ପାନୀୟ ଜଳ ମନ୍ତ୍ରୀ ରବି ନାଏକ୍ ୨୦୨୪-୨୫ ଆର୍ଥିକ୍ ବଛର୍ ଲାଗି ଖର୍ଚ୍ଚ ଦାବି ଆଏଜ୍ ଉପସ୍ଥାପନ୍ କରିଛନ୍ । ମୋଟ୍ ୨୭ ହଜାର୍ ୨ ଶହ ୧୦ କୋଟି ୨୭ ଲାଖ୍ ୮ ହଜାର୍ ଟଙ୍କାର୍ ବିଭାଗୀୟ ଖର୍ଚ୍ଚ ଦାବି ଉପସ୍ଥାପିତ୍ ହେଇଛେ । ଇ ଖର୍ଚ୍ଚ ଦାବି ଉପ୍‌ରେ ଗୃହ ନ ଆଲୋଚନା ଚାଲିଥିବାର୍ ବେଳେ ଶାସକ ଆର୍ ବିରୋଧୀ ସଦସ୍ୟ ମାନେ ଭାଗ୍ ନଉଛନ୍ । ଆଲୋଚନା ଶେଷେ ମନ୍ତ୍ରୀ ଶ୍ରୀ ନାଏକ୍ ଗୃହ ନ ଉତର୍ ରଖିବେ । ଇତାର୍‌ଉତ୍‌ରୁ ବିଭାଗ୍‌ର ଖର୍ଚ୍ଚ ଦାବି ପାରିତ୍ ହେବା ବଲି ସୂଚ୍‌ନା ମିଲିଛେ ।

ସୁଭଦ୍ରା ଯୋଜ୍‌ନା-ଉପମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ସୁଭଦ୍ରା ଯୋଜ୍‌ନାର୍ ଫର୍ମ ଦାଖଲ୍ କର୍‌ବାର୍ କେନ୍‌ସି ଶେଷ୍ ତାରିଖ୍ ନାଇଁନ । ଆଏବା ୧୭ ତାରିଖ୍ ଉତ୍‌ରୁ ଭିଲ୍ ଫର୍ମ ଦାଖଲ୍ କଲେ ପହେଲା କିସ୍ତିର ଟଙ୍କା ମିଲ୍‌ବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୧୭ ତାରିଖ୍ ଦିନ ଭୁବ୍‌ନେଶ୍ୱର୍ ଜନତା ମଇଦାନ୍ ନ ସୁଭଦ୍ରା ଯୋଜ୍‌ନାର୍ ପହେଲା

କିସ୍ତି ବାଂଟ୍‌ବେ । ଇଥିର୍‌ଲାଗି ରାଜ୍ୟର୍ ଭିନ୍ ଭିନ୍ ମୋ ସେବା କେନ୍ଦ୍ର, ଜନସେବା କେନ୍ଦ୍ର ନ ସୁଭଦ୍ରା ଯୋଜ୍‌ନାଥି ପଞ୍ଜିକରଣ୍ କର୍‌ବାର୍ ଲାଗି ଜବର୍ ଭିଡ୍ ହଉଛେ ।

ସେଆଡ଼େ ଭୁବ୍‌ନେଶ୍ୱର୍ ଇନ୍‌ଫୋସିଟି ନ ଥିବା ଓଡ଼ିଶା କମ୍ପ୍ୟୁଟର୍ ପ୍ରୟୋଗ୍ କେନ୍ଦ୍ର ଠାନେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଗୁଟେ କଲ୍‌ସେଂଟର୍‌ର ଉଦ୍‌ଘାଟନ୍ କରିଛନ୍ । ସୁଭଦ୍ରା ଯୋଜ୍‌ନାର୍ ହିତାଧିକାରୀମାନ୍‌କର୍ ଲାଗି ଇ କଲ୍ ସେଂଟର୍ କରାଯାଇଛେ । ହିତାଧିକାରୀମାନେ ଟୋଲ୍‌ଫ୍ରି ନମ୍ବର୍ - ୧୪୬୭୮ କେ କଲ୍ କରିକରି ସୁଭଦ୍ରା ଯୋଜ୍‌ନା ବାବ୍‌ଦେ ସବୁ ତଥ୍ୟ ପାଇପାର୍‌ବେ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ସୁଭଦ୍ରା ଯୋଜ୍‌ନା ଆର୍‌ଏନ୍‌ୟୁ/ କଟକ୍

ସୁଭଦ୍ରା ଯୋଜ୍‌ନାଥି ଆବେଦନ୍ ଲାଗି ଆଏଜ୍‌ଠାନୁ ଆବେଦନ୍ ପତ୍ର ସଂଗ୍ରହ ପ୍ରକ୍ରିୟା ମୁଲ୍ ହେଇଛେ । ମୋ ସେବା କେନ୍ଦ୍ର, ଜନସେବାକେନ୍ଦ୍ର ଆଉ ଜିଲ୍ଲାପାଲ୍‌ଙ୍କର୍ ନିର୍ଦ୍ଦେଶ୍ ଅନ୍‌ସାରେ ଚିହ୍ନଟ୍ ହେଇଥିବା ଜାଗା ଆଉ କାର୍ଯ୍ୟାଲୟମାନ୍‌କେ ହିତାଧିକାରୀମାନେ ଆବେଦନ୍ କରିପାର୍‌ବେ ।

ଅଧ୍ୟାପକ, ସହାୟକ ଅଧ୍ୟାପକ ପଦ୍‌ବୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା କୃଷି ଆଉ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନ୍‌ଥି ଥିବା ଭିନ୍ ଭିନ୍ ବିଭାଗ୍ ଆର୍ ବର୍ଗ ନ ମୋଟ୍ ଶହେ ୪୩ ଟା ପ୍ରାଧ୍ୟାପକ ଆଉ ସହାୟକ ଅଧ୍ୟାପକ ପଦ୍‌ବୀ ଖାଲି ପଡ଼ିଛେ । ସେଥିର୍‌ଭିତ୍‌ରୁ ଶହେ ୨୬ ଟା ପଦ୍‌ବୀ ପୂରଣ୍ ଲାଗି ରାଜ୍ୟ ସର୍‌କାର୍ ମଞ୍ଜୁରୀ ଦେଇଛନ୍ ବଲି କୃଷି ମନ୍ତ୍ରୀ ଆଉ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ବିଧାନ୍‌ସଭା ନ ଆଏଜ୍ ଇ ବାବଦ୍ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ସେ କହିଛନ୍ ଯେ, ଇ ପଦ୍‌ବୀ ଛାଡ଼ିକରି ଖାଲି ଥିବା ଶହେ ୩୩ ଟା ସହକାରୀ ଅଧ୍ୟାପକ ପଦ୍‌ବୀ ଭିତ୍‌ରୁ ଶହେ ୨୮ ଟା ପଦ୍‌ବୀ ପୂରଣ୍ ଲାଗି ସର୍‌କାର୍ ମଞ୍ଜୁର୍ ଦେଇଛନ୍ । ଇ ପଦ୍‌ବୀ ମାନ୍‌କର୍ ପୂରଣ୍ କର୍‌ବାର୍ ଲାଗି ଗୁଟେ ଉଚ୍ଚସ୍ତରୀୟ ବୈଠକ୍ କରିକରି ନିଷ୍ପତି ନେବାର୍ ସମ୍ଭାବନା ରହିଛେ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ଜୈବିକ କୃଷିକୁ ଗୁରୁତ୍ୱ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଖୋବ୍ ଜଲ୍‌ଦି ବଲ୍‌ଭଦ୍ର ଜୈବିକ ଚାଷ ମିଶନ୍ ମୁଲ୍ କରାଯିବା ବଲି କୃଷିମନ୍ତ୍ରୀ ଆଉ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ବିଧାନ୍‌ସଭା ନ ଆଏଜ୍ ଇ

ବାବ୍‌ଦେ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ଶ୍ରୀ ସିଂହଦେଓ କହିଛନ୍ ଯେ, ଜୈବିକ ଚାଷ୍‌କେ ତହଁକାବାର୍ ଲାଗି ଇ ମିଶନ୍ କାର୍ଯ୍ୟକାରୀ କର୍‌ବାର୍‌କେ ରାଜ୍ୟ ସର୍‌କାର୍ ଲକ୍ଷ୍ୟ ରଖିଛନ୍ । କୃଷିଜୀବୀମାନ୍‌କର୍ ସହେତେ ଜୈବିକ୍ ଚାଷ୍‌ଥି ଜୁଡ଼ିହେଇଥିବା ବେସର୍‌କାରୀ ସଂସ୍ଥାକେ ଭିଲ୍ ଇ ମିଶନ୍ ଜରିଏ ପ୍ରୋତ୍ସାହନ୍ ଯୁଗେଇ ଦିଆଯିବା ।

ବିଧାନ୍‌ସଭା- ଖାଦ୍ୟ ସୁରକ୍ଷା ଆର୍‌ଏନ୍‌ୟୁ/ କଟକ୍

ଖାଦ୍ୟ ସୁରକ୍ଷା ଯୋଜ୍‌ନା ଅଧୀନ୍‌ଥି ଗହମ୍ ଯୁଗାବାର୍ ଲାଗି ସର୍‌କାର୍ ପଦକ୍ଷେପ୍ ନଉଛନ୍ ବଲି ଖାଦ୍ୟ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ବିଧାନ୍‌ସଭାଥି ଆଏଜ୍ ଇ ବାବ୍‌ଦେ ଉତର୍ ଦେଇକରି ଶ୍ରୀ ପାତ୍ର କହିଛନ୍ ଯେ, ଇ ଯୋଜ୍‌ନା ଅଧୀନ୍‌ଥି ୨୦ ଭାଗ୍ ଗହମ୍ ଯୁଗାବାର୍ ଲାଗି କେନ୍ଦ୍ରକେ ଅନୁରୋଧ୍ କରାଯାଇଛେ ।

ବିଧାନ୍‌ସଭା-ରାସନ୍‌କାର୍ଡ଼ ଆର୍‌ଏନ୍‌ୟୁ/ କଟକ୍

ଇ ମାସର୍ ଶେଷ୍‌ତକ୍ ନୂଆଁ ରାସନ୍ କାର୍ଡ଼ ଦେବାର୍ ପ୍ରକ୍ରିୟା ମୁଲ୍ ହେବା ବଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

କହିଛନ୍ । ବିଧାନ୍‌ସଭା ନ ଆଏଜ୍ ଇ ବାବ୍‌ଦେ ତଥ୍ୟ ଦେଇକରି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ଯେ, ରାଏଜେ ଏଛେନ୍‌ତକ୍ ୧୦ ଲାଖ୍‌ନୁ ଅଏତ୍‌କା ଲୋକ୍ ରାସନ୍ କାର୍ଡ଼ ଲାଗି ଆବେଦନ୍ କରିଛନ୍ । ଗଲା ମାସର୍ ୨୨ ତାରିଖ୍‌ନୁ ଇ-କେଓ୍ୱାଇସି ପ୍ରକ୍ରିୟା ମୁଲ୍ ହେଇଛେ । ଇଥିର୍‌ଭିତ୍‌ରେ ପାଖାପାଖି ୪୪ ଲାଖ୍ ୩୭ ହଜାର୍ ଲୁକ୍‌କର୍ ଚିହ୍ନଟ୍ ପ୍ରକ୍ରିୟା ଶେଷ୍ ହେଇଛେ ।

ସ୍ୱତନ୍ତ୍ର ଉନ୍ନୟନ୍ ପରିଷଦ୍ ଭଙ୍ଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ସବୁ ସ୍ୱତନ୍ତ୍ର ଉନ୍ନୟନ୍ ପରିଷଦ୍ ଭଙ୍ଗ କର୍‌ବାର୍‌କେ ରାଜ୍ୟ ସର୍‌କାର୍ ନିଷ୍ପତି ନେଇଛନ୍ । ଇ ବାବଦ୍ ପ୍ରସ୍ତାବ୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଅନୁମୋଦନ୍ ଦେଇଛନ୍ । ଇଥିର୍‌ଲାଗି ରାଏଜେ ଥିବା ୨୩ ଟା ଯାକ ସ୍ୱତନ୍ତ୍ର ଉନ୍ନୟନ୍ ପରିଷଦ୍‌ର କାର୍ଯ୍ୟକାରିତା ଶେଷ୍ ହେଲା ବଲି ସୂଚ୍‌ନା ମିଲିଛେ ।

ଭୁବ୍‌ନେଶ୍ୱର୍-ଜୟପୁର୍-ଭୁବ୍‌ନେଶ୍ୱର- ବିମାନ୍

ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍-ଜୟପୁର୍-ଭୁବ୍‌ନେଶ୍ୱର୍ ଭିତ୍‌ରେ ଆଏଜ୍‌ଠାନୁ ଅତିରିକ୍ତ ବିମାନ୍ ସେବା ମୁଲ୍ ହେଇଛେ । ହପ୍ତାର୍ ୩ ଦିନ୍ ସୋମ୍‌ବାର୍, ବୁଧବାର୍ ଆର୍ ଶୁକ୍ରବାର୍ ଇ ବିମାନ୍ ଭୁବ୍‌ନେଶ୍ୱର୍ ଆର୍ ଜୟପୁର୍ ଭିତ୍‌ରେ ଚଲାଚଲ୍ କର୍‌ବା । ଇ ବିମାନ୍ ସଖାଲର୍ ୭ ବାଜିକରି ୨୦ ମିନିଟ୍‌ଥି ଭୁବ୍‌ନେଶ୍ୱର୍ ବିମାନ୍ ବନ୍ଦର୍‌ନୁ ବାହାରିକରି ୮ ବାଜିକରି ୫୫ ମିନିଟ୍‌ଥି ଜୟପୁର୍ ନ ପୁହୁଁଚିବା । ଏୟାର୍ ଲାଇନ୍ସର ସୂଚ୍‌ନା ଅନ୍‌ସାରେ୍ ଭୁବ୍‌ନେଶ୍ୱର୍‌ନୁ ଜୟପୁର୍ ଦେଇକରି ବିଶାଖାପାଟ୍‌ନାକେ ଯାଉଥିବା ୨ ନମ୍ବର୍ ବିମାନ୍ ଦିନର୍ ୧୧ ବାଜିକରି ୧୫ ମିନିଟ୍‌ଥି ଭୁବ୍‌ନେଶ୍ୱର୍‌ନୁ ବାହାରିକରି ୧୨ ବାଜିକରି ୫୦ ମିନିଟ୍‌ଥି ଜୟପୁର୍ ନ ପୁହୁଁଚିବା ।

ନୂଆଖାଇ - ସ୍କୁଲ୍ ଛୁଟି ଆର୍‌ଏନ୍‌ୟୁ/ ସମ୍ବଲପୁର୍

ପଶ୍ଚିମ ଓଡ଼ିଶାର୍ ଗଣପର୍ବ ନୂଆଖାଇ ପାଲନ୍ ଅବ୍‌ସରେ ଆଏବା ୯ ତାରିଖ୍ ସୋମ୍‌ବାର୍ ଦିନ ସବୁ ସର୍‌କାରୀ, ସର୍‌କାରୀ ଅନୁଦାନ୍ ପ୍ରାପ୍ତ ଆଉ ବେସର୍‌କାରୀ ବିଦ୍ୟାଲୟମାନ୍‌କେ ଛୁଟି ଘୋଷ୍‌ନା କରାଯାଇଛେ । ଇ ବାବ୍‌ଦେ ବିଦ୍ୟାଲୟ ଗଣଶିକ୍ଷା ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ଗୁରୁଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପବିତ୍ର ଗୁରୁଦିବସ୍ ଅବ୍‌ସରେ ଆଏବା କାଏଲ୍ ରାଜ୍ୟସ୍ତରୀୟ ଗୁରୁଦିବସ୍ ଉତ୍ସବ୍ ଆର୍ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ଉତ୍ସବ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ର ସମ୍ମିଲନୀ କକ୍ଷ ନ ଆୟୋଜିତ୍ ହେବା । ଇଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ଇ ଅବ୍‌ସରେ ରାଜ୍ୟର୍ ୩ ଶହ ୬୫ ଝନ୍ ଛାତ୍ରଛାତ୍ରୀମାନ୍‌କୁ ଇ ଶିକ୍ଷା ପୁରସ୍କାର୍ ଦିଆଯିବା ।

ଡ୍ରାଗନ୍ ଫଲ୍-ଦୁବାଇ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ବିଜୁ ପଟ୍ଟନାୟକ୍ ଆନ୍ତର୍ଜାତୀୟ ବିମାନ୍ ବନ୍ଦର୍‌ର କାର୍ଗୋ ଟର୍ମିନାଲ୍ ନୁ ପହେଲାଥର୍ ଲାଗି ଡ୍ରାଗନ୍ ଫଲ୍ ଦୁବାଇକେ ରପ୍ତାନୀ କରାଯାଇଛେ । ବଲାଙ୍ଗିର୍ ଜିଲ୍ଲାର୍ ପାଟ୍‌ନାଗଡ୍ ନ ଇ ଡ୍ରାଗନ୍ ଫଲ୍ ଚାଷ୍ କରାହେଇଥିଲା । ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ପତାକା ଦେଖେଇକରି ପ୍ରକ୍ରିୟାର୍ ଶୁଭାରମ୍ଭ କରିଥିଲେ । ଉପମୁଖ୍ୟମନ୍ତ୍ରୀ ନିଜ୍‌କେ ଝନେ ଗର୍ବିତ୍ ଚାଷୀ ଭାବେ ପରିଚୟ ଦେଇକରି କହିଥିଲେ ଯେ, କୋଭିଡ୍ ସମିଆଥି

ନେଇଥିବା ନିଷ୍ପତି ଲାଗି ଆଏଜ୍ ୪ କ୍ୱିଂଟାଲ୍ ଡ୍ରାଗନ୍ ଫଲ୍ ଦୁବାଇକେ ରପ୍ତାନୀ କରାଯାଇଛେ ।

ପ୍ରଯୋଜକ ହରି ବିଶ୍ୱାଲ୍-ପରଲୋକ ସମ୍ବଲପୁର ସମ୍ବାଦଦାତା

ଓଡ଼ିଆ ଚଳଚ୍ଚିତ୍ର ଜଗତ୍‌ର ଜନାଶୁନା ପ୍ରଡକ୍ସନ୍ କଂଟ୍ରୋଲର୍ ଆଉ ପ୍ରଯୋଜକ ହରି ବିଶ୍ୱାଲ୍‌ଙ୍କର୍ ଗଲାରାତି ପରଲୋକ ହେଇଯାଇଛେ । ତାଙ୍କୁ ୮୩ ବଛର୍ ବୟସ୍ ହେଇଥିଲା । ସମ୍ବଲ୍‌ପୁର୍ ଦଲେଇପଡ଼ାର୍ ବାସିନ୍ଦା ଶ୍ରୀ ବିଶ୍ୱାଲ୍ ବୁର୍ଲା ବଡ଼ ମେଡ଼ିକାଲ୍ ନ ଚିକିତ୍ସିତ୍ ହେଉଥିବାର୍ ସମିଆଥି ପରଲୋକ ହେଇଥିଲା । ସେ ୮୦ ଟା ସିନ୍‌ମାର୍ ପ୍ରଡକ୍ସନ୍ କରିଥିବାର୍ ବେଲେ ୨୦ ନୁ ଅଏତ୍‌କା ବଙ୍ଗଲା ଆର୍ ତେଲୁଗୁ ସିନ୍‌ମାଥି ଭିଲ୍ କାମ୍ କରିଥିଲେ । ସେ ଓଡ଼ିଆ ସିନ୍‌ମା ଅସ୍ତରାଗର ପ୍ରଯୋଜକ ଭିଲ୍ ଥିଲେ ।

ବୌଦ୍ଧ- ମାଓ କେମ୍ପ୍ ଠାବ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ - କନ୍ଧମାଲ୍ ଜିଲ୍ଲାର୍ ସୀମ୍‌ନା ଘଂଟାପଡ଼ା ଥାନା ଉମା ଗ୍ରାମ୍ ପଂଚାୟତ୍‌ର ଟୁଡ଼ିବାହାଲ୍ ଜଙ୍ଗଲ୍ ନ ଏସ୍‌ଓଜି ଜବାନ୍ ମାନେ ମାଓ କେମ୍ପ୍ ଠାବ୍ କରିଛନ୍ । ଏସ୍‌ଓଜି ଜବାନ୍

ମାନ୍‌କର୍ ତର୍‌ଫୁ ହେଇଥିବା ସର୍ଚ୍ଚ ଅପରେସନ୍ ସମିଆଥି ସେନୁ ମାଓବାଦୀଙ୍କର୍ କପ୍‌ଡ଼ାଲତା, ଉଷୋ, ସାଲାଇନ୍, ବିସ୍ଫୋରକ ଦରବ୍ ଜବତ୍ କରାଯାଇଛେ ।

ଆର୍ଥିକ୍ ସାକ୍ଷରତା, ଅନ୍ତର୍ଭୁକ୍ତିକରଣ୍ ସଚେତନତା ଶିବିର

ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ସ୍ୱଳ୍ପ ସଂଚୟ ବିଭାଗ୍ ତର୍‌ଫୁ ବୀର୍‌ନରସିଂହପୁର୍ ଗ୍ରାମ୍ ପଂଚାୟତ୍ କାର୍ଯ୍ୟାଳୟ ନ ଆର୍ଥିକ୍ ସାକ୍ଷରତା ଆର୍ ଅନ୍ତର୍ଭୁକ୍ତିକରଣ୍ ସଚେତନତା ଶିବିର ହେଇଯାଇଛେ । ସଂଚୟ ଅଧିକାରୀ ଭଗବାନ୍ ଜାନୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ଶିବିରଥି ବହୁତ୍‌ଟେ ସିଆନ୍ ସୁଜନ୍ ଯୋଗ୍ ଦେଇକରି ନିଜର୍ କଷ୍ଟେ ସଂଚିଥିବା ଧନ କେନ୍ତା କରି ଡାକ୍‌ଘରେ କି ସ୍ୱୀକୃତି ପ୍ରାପ୍ତ ବେଙ୍କ୍ ମାନ୍‌କେ ଜମା ରଖିକରି ସୁରକ୍ଷିତ୍ ରହେବେ ସେ ବାବ୍‌ଦେ ପରାମର୍ଶ ଦେଇଥିଲେ ।

ସୁଭଦ୍ରା ଯୋଜ୍‌ନାଥି ଆବେଦନ ସମ୍ବଲପୁର ସମ୍ବାଦଦାତା

ସୁଭଦ୍ରା ଯୋଜ୍‌ନାଥି ଆବେଦନ୍ କର୍‌ବାର୍ ଲାଗି ସମ୍ବଲ୍‌ପୁର୍ ଫି' ଅଙ୍ଗନବାଡ଼ି କେନ୍ଦ୍ର ନ ଫର୍ମ ମିଲୁଥିବାର୍ ବେଲେ ଇଟା

ମାହାଲିଆ ସେବା ଆଏ ବଲି ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଲିରାମ୍ ବୋନ୍ଦର୍ କହିଛନ୍ । ଶ୍ରୀ ବୋନ୍ଦର୍ ଆଏଜ୍ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି କହିଛନ୍ ଯେ, ଜିଲ୍ଲା ନ ୫ ଲାଖ୍ ୫୦ ହଜାର୍ ହିତାଧିକାରୀ ଆବେଦନ୍ କରିପାରନ୍ ବଲି ଜିଲ୍ଲା ପ୍ରଶାସନ୍ ଆକଲନ୍ କରିଛେ ।

ଚୁକ୍ତିଆ ଭୁଞ୍ଜିଆ ଜନଜାତି-ମୁଖ୍ୟମନ୍ତ୍ରୀ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାର୍ ୩ ଟା ବ୍ଲକ୍ ସିନାପାଲି, ଖଡ଼ିଆଲ୍ ଆର୍ ବୋଡ଼େନ୍ ବ୍ଲକ୍ ନ ରହୁଥିବା ଚୁକ୍ତିଆ ଭୁଞ୍ଜିଆ ଜନଜାତି ମାନ୍‌କୁ ଆଦିବାସୀ ତାଲିକାଥି ସାମିଲ୍ କର୍‌ବାର୍‌କେ ସର୍‌କାର୍‌ଙ୍କର୍ ଠାନେ ଦାବି କରାଯାଇଛେ । ବିଧାୟକ୍ ଅଧିରାଜ୍ ପାଣିଗ୍ରାହୀଙ୍କର୍ ନେତୃତ୍ୱଥି ଗୁଟେ ପ୍ରତିନିଧି ଦଲ୍ ଭୁବ୍‌ନେଶ୍ୱର୍ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଭେଟିକରି ଇ ଦାବି କରିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଇମାନେ ସୁନାବେଡ଼ା ଅଭୟାରଣ୍ୟ ନ ରହୁଥିବା ଆଦିମ ଜନଜାତି ଚୁକ୍ତିଆ ଭୁଞ୍ଜିଆ ମାନ୍‌କର୍ ବିକାଶ୍ ଲାଗି ସିବିଡିଏର ସୁବିଧା ପାଇ ନାଇଁ ପାର୍‌ବାର୍ ।

ନୂଆପଡ଼ା ଜିଲ୍ଲା ରାଜସ୍ୱ ବୃଦ୍ଧି ସମୀକ୍ଷା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍ଙ୍କର୍ ଅଧ୍ୟକ୍ଷତାଥି ଆଭାସୀ ଜରିଏ ରାଜସ୍ୱ ବଢ଼ାବାର୍ ଲାଗି ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ଜିଲ୍ଲାର୍ ୫ ଟା ତହସିଲ୍ ଆଉ ଜିଲ୍ଲାର୍ ସବୁ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ତର୍ଫୁ ରାଜସ୍ୱ ବଢ଼ାବାର୍ ଲାଗି ଜିଲ୍ଲାପାଲ୍ ପରାମର୍ଶ ଦେଇଛନ୍ ।

ଜନମନ ସଚେତନତା କାର୍ଯ୍ୟକ୍ରମ୍ ଦେବ୍ଗଡ଼୍ ସମ୍ବାଦଦାତା

ଦେବ୍ଗଡ଼୍ ଜିଲ୍ଲା ବାର୍କୋଟ ବ୍ଲକ୍ର ରୁଗୁଡ଼ାକୁଦର ପାଉଡ଼ି ଭୁୟାଁ ଉନ୍ନୟନ୍ ସଂସ୍ଥା ତର୍ଫୁ ଶରଣ୍କୁଟ ଗାଁ ନ ପି.ଏମ୍. ଜନମନ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଇଥି ବହୁତ୍ଟେ ସିଆନ୍ ସୁଜନ୍ ଯୋଗ୍ ଦେଇକରି ପ୍ରଧାନ୍ମନ୍ତ୍ରୀ ଜନମନ୍ ଯୋଜ୍ନାଥି କାର୍ଯ୍ୟକାରୀ ହେଉଥିବା ପାଉଡ଼ିଭୁୟାଁ ଗାଁମାନ୍କେ ପକ୍କା ଘର୍, ବିଜ୍ଲି ସଂଯୋଗୀକରଣ, ପିଇବାର୍ ପାଏନ୍ ସୁବିଧା, ସ୍ୱାସ୍ଥ୍ୟସେବା, ପୋଷଣ ଯୁକ୍ତ ଆହାର୍ ବାବ୍ଦେ ବୁଝେଇଥିଲେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ଆଏବାକାଏଲ୍ ଆଉ ଗୁଟେ ଲଘୁଚାପ୍ ସୃଷ୍ଟି ହେବାର୍ ସମ୍ଭାବନା ରହିଛେ । ଇତାର୍‌ପ୍ରଭାବ୍‌ଥି ଦକ୍ଷିଣ ଆଉ ଉପକୂଳ ଓଡ଼ିଶାର୍ ଭିନ୍ ଭିନ୍ ଇଲାକା ନ ବର୍ଷାର୍ ପରିମାଣ୍ ବଢ଼୍‌ବା । ଆଏବା ୮ ତାରିଖ୍‌ତକ୍ ରାଏଜେ ବର୍ଷା ଲାଗି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ମିଲିଥିବା ସୂଚ୍‌ନା ଅନ୍‌ସାରେ ଆଏବା କାଏଲ୍ ମାଲ୍‌କାନ୍‌ଗିରି, କୋରାପୁଟ, ନବରଙ୍ଗ୍‌ପୁର୍ ନ ଜବର୍ ବର୍ଷା ହେବା । ସେନ୍ତା ବଲାଙ୍ଗିର୍, ନୂଆପଡ଼ା, କଲାହାଣ୍ଡି ସହେତେ ୭ ଟା ଜିଲ୍ଲା ନ ଧୁକାଧନ୍ଦି ସହେତେ ବର୍ଷା ହେଇପାରେ ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ ।